ଗୁଡ୍ ନିଉଜ ଇଣ୍ଡିଆ ପରିଚାଳିତ ବିଭିନ୍ନ ସେଲ୍ଟର ହୋମକୁ ଯାଇ ସରଜମିନ ତଦନ୍ତ କଲା ମହିଳା ମୋର୍ଚ୍ଚା

# ଏବେ ବି ତିହିଡି ଏବଂ ରେମୁଣାରେ ମଧ୍ୟ ବେଆଇନ ଭାବେ ଚାଲିଛି ଗୁଡ୍ ନିଉଜ ଇଣ୍ଡିଆରର ସେଲ୍ଟର ହୋମ : ବିଜେପି

- **ଗୁଡ୍ ନିଉଜ ଇଣ୍ଡିଆର ସେଲ୍ଟର ହୋମରେ ନାବାଳକ, ନାବାଳିକାଙ୍କ ସମେତ ସାବାଳିକା ମଧ୍ୟ ରହୁଛନ୍ତି**
- **ପୁଅ ଓ ଝିଅମାନଙ୍କ ରହିବା ପାଇଁ ପୃଥକ ପୃଥକ ହଷ୍ଟେଲର ସୁବିଧା ନାହିଁ**
- **ବିନା ପଂଜୀକରଣରେ ଚାଲୁଛି ଭଦ୍ରକ ଜିଲ୍ଲା ତିହିଡି ଏବଂ ବାଲେଶ୍ୱର ଜିଲ୍ଲା ରେମୁଣାସ୍ଥିତ ଏହି ସଂସ୍ଥାର ସେଲ୍ଟର ହୋମ**
- **ବହୁ ପୁଅ ଓ ଝିଅମାନଙ୍କ ଧର୍ମ ପରିବର୍ତ୍ତନ କରାଯାଇଛି**
- **ଫୈଜ ରେହମାନ ନିୟମିତ ଭାବେ ତିହିଡି ଏବଂ ରେମୁଣା ସେଲ୍ଟର ହୋମକୁ ଆସୁଥିଲେ**
- **ମୋର୍ଚ୍ଚାର ଅନ୍ୟ ପ୍ରତିନିଧି ଦଳ ଆଗାମୀ ଦିନରେ ଏହି ସଂସ୍ଥାର ଅନ୍ୟାନ୍ୟ ସେଲ୍ଟର ହୋମ ପରିଦର୍ଶନ କରି ନିଜ ନିଜ ରିପୋର୍ଟ ପ୍ରଦାନ କରିବେ**
- **କାହିଁକି ଏବଂ କାହା ସ୍ୱାର୍ଥରେ ଏଭଳି ବେଆଇନ ଭାବେ ଚାଲୁଥିବା ସେଲ୍ଟର ହୋମଗୁଡିକ ଉପରେ ରାଜ୍ୟ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି ?**

**ଭୁବନେଶ୍ୱର, ତା.୦୪/୧୨:** ରାଜ୍ୟର ବିଭିନ୍ନ ସ୍ଥାନରେ ଚାଲିଛି ଗୁଡ୍ ନିଉଜ ଇଣ୍ଡିଆ ପରିଚାଳିତ ବେଆଇନ ସେଲ୍ଟର ହୋମ୍ । ଏହି ସେଲ୍ଟର ହୋମରେ ନାବାଳକ ଓ ନାବାଳିକାଙ୍କ ସମେତ ବହୁ ସାବାଳିକାମାନେ ରହୁଛନ୍ତି । ପୁଅ ଓ ଝିଅମାନଙ୍କ ରହିବା ପାଇଁ ପୃଥକ ପୃଥକ ହଷ୍ଟେଲର ସୁବିଧା ନାହିଁ । ଖାଦ୍ୟପେୟର ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଅନ୍ତେବାସୀ । ଏପରିକି ବହୁ ପୁଅ ଓ ଝିଅମାନଙ୍କ ଧର୍ମ ପରିବର୍ତ୍ତନ କରାଯାଇଛି । ବିନା ପଂଜୀକରଣରେ ଚାଲୁଥିବା ଭଦ୍ରକ ଜିଲ୍ଲା ତିହିଡି ଏବଂ ବାଲେଶ୍ୱର ଜିଲ୍ଲା ରେମୁଣାସ୍ଥିତ ଏହି ସଂସ୍ଥାର ସେଲ୍ଟର ହୋମକୁ ସଂସ୍ଥାର ମୁଖ୍ୟ ଫୈଜ ରହମାନ ନିୟମିତ ଭାବେ ଆସୁଥିଲେ । ବହୁ ଚର୍ଚ୍ଚିତ ଢେଙ୍କାନାଳ ଜିଲ୍ଲା ବେଲଟିକିରି ବେଆଇନ ସେଲ୍ଟର ହୋମରେ ଚାଲିଥିବା ଶିଶୁ ଓ ନାବାଳିକା ବ୍ୟଭିଚାର ଘଟଣାର ପର୍ଦ୍ଦାଫାଶ ହେବା ପରେ ବିଜେପି ମହିଳା ମୋର୍ଚ୍ଚାର ପ୍ରତିନିଧି ଦଳ ରାଜ୍ୟରେ ଥିବା ଏହି ସଂସ୍ଥାର ବିଭିନ୍ନ ସେଲ୍ଟର ହୋମ ପରିଦର୍ଶନ କରି ବାସ୍ତବ ସ୍ଥିତି ନିରୀକ୍ଷଣ କରିଛନ୍ତି ।

ମହିଳା ମୋର୍ଚ୍ଚା ରାଜ୍ୟ ଉପ ସଭାନେତ୍ରୀ ସୁଷମା ବିଶ୍ୱାଳଙ୍କ ନେତୃତ୍ୱରେ ଜିଲ୍ଲା ସଭାନେତ୍ରୀ କମଳା ବିନ୍ଧାଣୀ, ସିପ୍ରା ବାଜପେୟୀ ପ୍ରମୁଖ ରେମୁଣା; ଭଦ୍ରକ ଜିଲ୍ଲା ସଭାନେତ୍ରୀ ମନସ୍ମିତା ଖୁଂଟିଆଙ୍କ ନେତୃତ୍ୱରେ ତିହିଡି ଗସ୍ତ କରି ଏହି ସଂସ୍ଥାର ସେଲ୍ଟର ହୋମ ପରିଦର୍ଶନ କରିଛନ୍ତି । ମୋର୍ଚ୍ଚାର ଅନ୍ୟ ପ୍ରତିନିଧି ଦଳ ଆଗାମୀ ଦିନରେ ଏହି ସଂସ୍ଥାର ଅନ୍ୟାନ୍ୟ ସେଲ୍ଟର ହୋମ ପରିଦର୍ଶନ କରି ନିଜ ନିଜ ରିପୋର୍ଟ ପ୍ରଦାନ କରିବେ ।

କାହିଁକି ଏବଂ କାହା ସ୍ୱାର୍ଥରେ ଏଭଳି ବେଆଇନ ଭାବେ ଚାଲୁଥିବା ସେଲ୍ଟର ହୋମଗୁଡିକ ଉପରେ ରାଜ୍ୟ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି, ତାହା ବର୍ତ୍ତମାନ ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ରାଜ୍ୟ ସଭାନେତ୍ରୀ ଶ୍ରୀମତୀ ପ୍ରଭାତି ପରିଡା କହିଛନ୍ତି ।

**(ବିଜେପି ମିଡିଆ ସେଲ୍)**